# ପଞ୍ଚବିଂଶ   ପରିଚ୍ଛେଦ

**ମଙ୍ଗରାଜ   ଘରର ହାଲଚାଲ :**

ଛଅମାଣ ଆଠଗୁଣ୍ଠ  କ'ର ? କଥିତ ଅଛି, ପୃଥିବୀର ବିଖ୍ୟାତ  ମଣି କୋହିନୁର ଯାହାଠାରେ ରହେ, ତାହାର ବଂଶ ନାଶ କରିଦିଏ । ଆଲ୍ଲାଉଦ୍ଦୀନ୍‌ଠାରୁ  ରଣଜିତ୍ ସିଂହ ପର୍ଯ୍ୟନ୍ତ  ତାହାର ଜାଜ୍ଜ୍ୱଲ୍ୟମାନ ପ୍ରମାଣ ; ମାତ୍ର  ସେହି ମଣି ଆମ୍ଭମାନଙ୍କ  ପୂଜନୀୟ ମହାମାନ୍ୟା ପ୍ରତ୍ୟକ୍ଷ  କମଳାସ୍ୱରୂପା ଶ୍ୱେତଦ୍ୱୀପ  ବାସିନୀ ଭାରତେଶ୍ୱରୀଙ୍କ ଶିରୋଭୂଷଣ ହେବା ଦିନଠାରୁ ଇଂଲଣ୍ଡ  ର ମହିମା ଦିନକୁ ଦିନ ପୃଥିବୀ ବ୍ୟାପୁଅଛି । ଅନ୍ୟର ପ୍ରାଣନାଶକାରି  ବିଷ ଦେବାଧିଦେବ ଉମାପତିଙ୍କ  କଣ୍ଠସ୍ଥ  ହୋଇ ତାଙ୍କର  ମହାଦେବତ୍ୱ  ପ୍ରକାଶ  କରୁଅଛି । ସାର କଥା ଉପଯୁକ୍ତ  ଦ୍ରବ୍ୟ ଉପଯୁକ୍ତ  ସ୍ଥାନରେ  ନ୍ୟସ୍ତ  ହେଲେ ଜଞ୍ଜାଳର  କାରଣ ହୁଏ ନାହିଁ । ତେଡେ ବଡ କଥା ଛାଡିଦିଅ, ନିହାତି ସାନରୁ ସାନ ଆମ୍ଭମାନଙ୍କ  ' ଛମାଣ ଆଠଗୁଣ୍ଠ  ' କଥା ଦେଖ । ଲୋକମାନେ କହନ୍ତି , '' ଗୋବିନ୍ଦପୁର  ଗାଁ ତଳଚକ ଛମାଣ ଆଠଗୁଣ୍ଠ  ଜମି ପରି କଳିନ୍ଦି  ଆଉ ନାହିଁ, ମାତ୍ର  ଜମିଟା ଘରବୁଡା । ବାଘସିଂହ ବଂଶଟା ଲଣ୍ଡଭଣ୍ଡ  ହୋଇଗଲା ।  ସାରିଆ ତ ଧନ-ପ୍ରାଣରେ  ଗଲା, ମଙ୍ଗରାଜ  ବଂଶ କଥା ତ ଦାଣ୍ଡରେ  ପଡିଛି । ଜମିଟା ନେବାର ଛ ମାସ ଛ ପକ୍ଷ ଯାଇ ନାହିଁ, ଦଶାଟା ଦେଖ । ''

ମଙ୍ଗରାଜ  କଟକ ଯିବାର ଚତୁର୍ଥ  ଦିନ ସକାଳେ ଦେଖାଗଲା, ଗନ୍ତାଘର  ଚାରିଜାଗା ଆଣ୍ଠିଏ  ଖୋଳା । ସେହିଦିନ ସକାଳୁ ଗୋବିନ୍ଦା  ଆଉ ଚମ୍ପା  ଉଆସ ମଧ୍ୟରେ  ଦିଶୁ ନାହାନ୍ତି  , ସେ ଦୁଇ ଜଣ ଆଗଲି ପିଛିଲି ହୋଇ କଟକ ଦାଣ୍ଡ  ପଦ୍ମପୁର  ଗହୀରରେ ଯାଉଥିବାର ଲୋକେ ଦେଖିଆସି ଗ୍ରାମରେ କହିଲେ । ପୁଅମାନେ ବାପ ଭୟରେ ଶଙ୍କି  ରହିଥିଲା, ଏତେବେଳେ ପୋବାର ପଡିଯାଇଅଛି । ବଡପୁଅଙ୍କର  ଆଗରୁ କିଛି ବାତୁଳ ଛିଟା ଥିଲା, ବର୍ତ୍ତମାନ  ଦିନ ରାତି ଗଞ୍ଜେଇ  ଭିଡି ଭିଡି ସଫା ବାୟା ହୋଇଗଲେଣି ।  ମଝିଆଁ ଆଉ ସାନ ପୁଅଙ୍କର  ନାକ ପୋଛିବାକୁ ତର ନାହିଁ, ମକର ସଂକ୍ରାନ୍ତି  ମୁଣ୍ଡଉପରେ , ଗୋବରା ଚଢ଼ାଇ ଧରିବାରେ ଲାଗିଅଛନ୍ତି  , ଦିନ ରାତି ଧାନ ବିକା ଲାଗିଛି ।

ଆଜି ଗାଁରେ ଚହଳ ପଡିଛି, ମଙ୍ଗରାଜ ଘରଦ୍ବାରା ନିଲାମ ହେବ । ବେଳ ଅନ୍ଦାଜ ଛ ଘଡି, ପୋଲିସ ଜମାଦାର, ବରକନ୍ଦାଜ ଛାଟିଆ ଏଇ ଆଠ ଦଶ ଜଣ ମଙ୍ଗରାଜଙ୍କ ଉଆସ ଦୁଆରେ ଉପସ୍ଥିତ ହେଲେ । ଜଜ ସାହେବ ମଙ୍ଗରାଜଙ୍କୁ ହଜାରେ ଟଙ୍କା ଜୋରିମାନା କରିଥିଲେ, ଚଳନ୍ତି ସମ୍ପତ୍ତି ନିଲାମହୋଇ ଟଙ୍କା ଅସୁଲ ହେବ । ଜମାଦାର ଘରେ ପଶି ମାଲମତାଗୁଡିକ ବହିଆଣି ଦାଣ୍ଡରେ ଜମା କରୁଅଛନ୍ତି । ବଣି ବସାରେ ଢ଼େମଣା ପଶିଲାପରି ଭୁଆସୁଣୀଗୁଡାକ ଘରୁ ବାହାରିଯାଇ ଉଆସ ପଛ ତୋଟାରେ କାଉଳି ହେଉଛନ୍ତି । ପୁଅ କେହି ଘରେ ନାହାନ୍ତି । ଛାମୁକରଣ କ'ଣ କହିବାକୁ ଯାଉଥିଲା, ଜମାଦାର ଆଖି ଦେଖାଇବାରୁ ତୁନି ହୋଇ ଗାଲରେ ହାତ ଦେଇ ପିଣ୍ଡାରେ ବସିପଡିଅଛି । ମୁକୁନ୍ଦା ସମସ୍ତଙ୍କ କଥାରେ ହୋଇ ଆଜ୍ଞା , ହୋଇ ଆଜ୍ଞା କହି ଲଣ୍ଡଭଣ୍ଡ ହେଉଛି ।

ଦାଣ୍ଡରେ ମାଲମତ ଗୁଡାକ ନିଲାମ ହେଲା । ନିଲାମ ତ ନିଲାମ, ଦି'ପାଣିଆ ବଳଦ ହଳକର ଦାମ୍ ସାଢ଼େ ଚାରି କି ପାଞ୍ଚ କେବେ କିଏ ଶୁଣିଥିଲା ? ଦୁହାଁଳ ଗାଇଗୁଡାକ ଟଙ୍କାଏ ଟଙ୍କାଏ , ଦି' ବରଷିଆ ଛଡା ସାଙ୍ଗେ ସାଙ୍ଗେ । ପ୍ରଥମେ ପ୍ରଥମେ ନିଜ ଗାଁ ଲୋକ ନିଲାମ ଡାକୁ ନ ଥିଲେ, ଦାମ୍ ଦେଖି ପଛନ୍ତେ ଗୋଟାକ ଉପରେ ଗୋଟାଏ ପଡିଲେ । ଜମାଦାର ତ ନିଲାମ କରି ଟଙ୍କା ଘେନିଗଲା, ବାକି ଯେ ଗାଈ-ବଳଦଗୁଡାକ, ଥିଲେ ଏ ବିଲ, ସେ ବିଲ, ଏ ଦାଣ୍ଡ ସେ ଦାଣ୍ଡ , ଲଣ୍ଡଭଣ୍ଡ ହେଉଛନ୍ତି , ଆୟତିବାକୁ କେହି ନାହିଁ, ବଙ୍ଗଳା ଗୋଆଲା ଗୋଠରେ କେତେ ଗଲେଣି, କେତେ ବଣା ହୋଇ ଆଉ ଆଉ ଗ୍ରାମରେ ଉଠୁଅଛନ୍ତି । ହଳିଆମାନେ ଦୁଇ ଦୁଇ ବରଷର ବରତନ ପାଇ ନ ଥିଲେ, ଶୁଣାଯାଏ ତୋଟା, ନଡିଆ ବଗିଚା, ଗୋରୁଗାଈରୁ ସେମାନେ ଅସୁଲ କରି ନେଉଛନ୍ତି ।

ତୁଳ ଅଧାଅଧି ହେଲାଣି, ଆଶୁଧାନ ଶୁକ୍ରବାର ହୋଇନାହିଁ, ପାଣ ହଳିଆଗୁଡାକ ପଳାଇଗଲେଣି, ଖାଲି ପଳେଇବା ନୁହେଁ, ଗୋରୁ ଲାଙ୍ଗୁଡ ଧରି ପାର ।

ଗାଁର ତିଳପରି କଥାଟା ହାଟରେ ତାଳପରି ଫୁଲିଯାଏ, ସେ କଥାଟା ଏକା ସତ । ଚାରିଆଡେ କଥା ବାଜିଛି, ଜଜସାହେବ ମଙ୍ଗରାଜେଙ୍କ ହାତରୁ

ତାଲୁକ ଛଡାଇନେଇ ଜଣେ ଓକିଲକୁ ଦେଲେ । ସେ ଓକିଲ ଆସନ୍ତା ମକର ସଂକ୍ରାନ୍ତି ଦିନ ଦୁଇଶ ପାଇକ ଘେନି ପାଞ୍ଚଟା ଘୋଡା, ଦୁଇଟା ସବାରିରେ ଚଢ଼ି ଗାଁ ଦଖଲ କରିବାକୁ ଆସିବ । ପ୍ରଜାମାନେ ଶୁଣି କହିଲେ, '' ଘୋଡାରେ ତୋତେ ଚୋର ନେବ, ନା ସେଠି ଦାନାପାଣି ଏଠି ଦାନାପାଣି । ଯେ ରାଜା ହେବ, ତା'ର ପ୍ରଜା ହେବୁଁ, ଆପଣା ଗଣ୍ଡାକ କିଏ ଛାଡିବ ?'' ମାତ୍ର ଦୁଶ୍‌ମନ୍ ପକ୍ଷିଆ ଲୋକମାନେ ଭାରିଖୁସି । ଆପଣା ଅସୁଲ ତ ଥାଉ, ଡରରେ ଲାଜରେ ମଙ୍ଗରାଜଙ୍କ ପାଇକ ଗାଁରେ ଛିଡାହୋଇପାରୁ ନାହାନ୍ତି । ବେଗଡା ଲୋକେ ପାଇକମାନଙ୍କୁ ଦେଖିଲେ ଗଛ ପତ୍ରକୁ ଲଗାଇ ଦୁଇପଦ କଥା ଶୁଣାଇଦିଅନ୍ତି ।

--0--